# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**20 August – 2026**

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ପ୍ରଶାସନର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବାକୁ ମାସକୁ ଦୁଇଥର ଅନୁଷ୍ଠିତ ହେବ କ୍ୟାବିନେଟ୍ ବୈଠକ
- ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ପାଇଁ ବୈଦ୍ୟୁତିକ, ମିଥାନାଲ ଓ ଇଥନାଲ ଚାଳିତ ଯାନର ଅନୁମତି ଶୁଳ୍କ ଛାଡ଼ କଲେ ରାଜ୍ୟ ସରକାର
- ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ପଞ୍ଜୀକରଣ ଅବଧି ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି

ଏବଂ

- ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗ ଅଦାଲତରେ ଆସନ୍ତା ମାସ ୧୨ ତାରିଖରେ ଅନୁଷ୍ଠିତ ହେବ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

BBSR/R

## କ୍ୟାବିନେଟ୍ ବୈଠକ

ରାଜ୍ୟ ପ୍ରଶାସନର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପ୍ରତି ମାସରେ ଦୁଇଥର କ୍ୟାବିନେଟ୍ ବୈଠକ ବସିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଧାରିତ ବୈଠକର ଯଥେଷ୍ଟ ପୂର୍ବରୁ ଏଥିପାଇଁ ସମସ୍ତ ପ୍ରଶାସନିକ ବିଭାଗ ନିଜ ନିଜ ପ୍ରସ୍ତାବ ପ୍ରସ୍ତୁତ କରି ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି। କ୍ୟାବିନେଟ୍ ପ୍ରସ୍ତାବ ଉପରେ ଏହାଦ୍ୱାରା ସମୟୋଚିତ ନିଷ୍ପତ୍ତି ନେବାର ପ୍ରକ୍ରିୟା ସହଜସାଧ୍ୟ ହୋଇପାରିବ। କ୍ୟାବିନେଟ୍‌ରେ ଅନୁମୋଦିତ ନିଷ୍ପତ୍ତିଗୁଡ଼ିକୁ ନିୟମିତ ଅନୁଧ୍ୟାନ କରି ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ କରିବାକୁ ସମସ୍ତ ପ୍ରଶାସନିକ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ଖାରବେଳ ଭବନଠାରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

Desk

## ଇଥାନଲ ଚାଳିତ ଗାଡ଼ି ଶୁଳ୍କ ଛାଡ଼

ରାଜ୍ୟରେ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ପାଇଁ ବୈଦ୍ୟୁତିକ ଯାନ, ମିଥାନାଲ ଓ ଇଥାନଲ ଚାଳିତ ଯାନଗୁଡ଼ିକୁ ଅନୁମତି ଶୁଳ୍କ ଛାଡ଼ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଏହି ନିୟମ ଅଧୀନରେ ଯୋଗ୍ୟ ଗାଡ଼ିଗୁଡ଼ିକୁ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିନାଦେୟରେ ଅନୁମତି ଶୁଳ୍କ

ପ୍ରଦାନ କରାଯିବ। ୩ ହଜାର କିଲୋଗ୍ରାମରୁ କମ୍ ଜି.ଭି.ଡବ୍ଲ୍ୟୁ ମାଲ ପରିବହନ ଗାଡ଼ିଗୁଡ଼ିକୁ ଏହି ଦେୟ ଛାଡ଼ ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି। ମୋଟର ଯାନ ଅଧିନିୟମ ୧୯୮୮ର ନିୟମାବଳୀ ଅନୁଯାୟୀ, ଏହି ସମସ୍ତ  ଯାନ ପାଇଁ ଅନୁମତି ନେବା ବାଧ୍ୟତାମୂଳକ ରହିବ। ଏହା ସହିତ ଗାଡ଼ିଗୁଡ଼ିକର ବୈଧ ପଞ୍ଜୀକରଣ, ବୀମା, ଫିଟନେସ ପ୍ରମାଣପତ୍ର, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଓ ଅନ୍ୟାନ୍ୟ ସରକାରୀ ଟିକସ ପଇଠ ଭଳି ସମସ୍ତ ପ୍ରଚଳିତ ନିୟମ ପାଳନ କରିବାକୁ ପଡ଼ିବ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବୈଦ୍ୟୁତିକ ଗାଡ଼ିର ବ୍ୟବହାର ବୃଦ୍ଧି ସହ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଏହା ବେଶ ସହାୟକ ହେବ ବୋଲି ଆଶା କରାଯାଉଛି।

BBSR/R

## ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା– **PMFBY**ରେ ଖରିଫ ଋତୁ ପାଇଁ ପଞ୍ଜୀକରଣ ଅବଧିକୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପୁନର୍ବାର ବୃଦ୍ଧି କରାଯାଇଛି। ରାଜ୍ୟ ସରକାରଙ୍କ ସମବାୟ ବିଭାଗର ଅନୁରୋଧକ୍ରମେ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଅନିଶ୍ଚିତତା ହେତୁ ହେଉଥିବା ଫସଲହାନୀରୁ ସୁରକ୍ଷା ତଥା ଅଧିକରୁ ଅଧିକ ଯୋଗ୍ୟ ଚାଷୀଙ୍କୁ ବୀମାଭୁକ୍ତ କରିବା ପାଇଁ ଏହି ଅବଧିକୁ ବୃଦ୍ଧି କରାଯାଇଛି। ସର୍ବାଧିକ ୫ ଏକର ପର୍ଯ୍ୟନ୍ତ ଜମି ପାଇଁ ମାଗଣାରେ ଫସଲବୀମା ସୁବିଧା ଚାଷୀମାନେ ପାଇପାରିବେ। ତେବେ ବର୍ଦ୍ଧିତ ଅବଧିରେ ଗଞ୍ଜାମ, କଳାହାଣ୍ଡି, ପୁରୀ, ସୁବର୍ଣ୍ଣପୁର, ବରଗଡ଼, ଭଦ୍ରକ,

ଗଜପତି, ଯାଜପୁର ଓ ଜଗତସିଂହପୁର ଜିଲ୍ଲାର ଋଣୀଚାଷୀମାନଙ୍କ ପାଇଁ ଏହି ସୁବିଧା ଥିବା ବେଳେ ଅବଶିଷ୍ଟ ଜିଲ୍ଲାଗୁଡ଼ିକର ଅନ୍ୟ ସମସ୍ତ ଯୋଗ୍ୟ ଚାଷୀଙ୍କ ପାଇଁ ବୀମା ପଞ୍ଜୀକରଣ ଉପଲବ୍ଧ ହେବ। ଖରିଫ ଋତୁ ପାଇଁ ବିଜ୍ଞପ୍ତି ଅଞ୍ଚଳ ଓ ବିଜ୍ଞପ୍ତି ଫସଲ ଅନୁଯାୟୀ ଧାନ, ମକା, ଚିନାବାଦାମ, ହଳଦୀ ଭଳି ଫସଲଗୁଡ଼ିକୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇଛି। ସମସ୍ତ ଯୋଗ୍ୟ ଋଣୀ, ଅଣଋଣୀ ଚାଷୀ ଏବଂ ଭାଗଚାଷୀ ଏହି ଯୋଜନାର ଲାଭ ଉଠାଇପାରିବେ। ଆବଶ୍ୟକ ସହାୟତା ପାଇଁ ଚାଷୀମାନେ ନିକଟସ୍ଥ ପାକ୍ସ/ଲାମ୍ପସ, **ARCS, DRCS, CDAO** କାର୍ଯ୍ୟାଳୟ କିମ୍ବା ସ୍ୱୀକୃତି ପ୍ରାପ୍ତ ବୀମା ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ।

BBSR/R

## ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମାସ ୧୨ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ତଥା ରାଜସ୍ୱ ଅଦାଲତ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମାମଲା, ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଟ୍ରାଫିକ ଚାଲାଣ, ରାଜସ୍ୱ, ଶ୍ରମ, ବୈବାହିକ, ଜମି ଅଧିଗ୍ରହଣ, ମୋଟର ଦୁର୍ଘଟଣା, ଜମିଜମା ମୋକଦ୍ଦମା ଆଦିର ଆପୋଷ ସହମତିରେ ସମାଧାନ କରାଯିବ। ଏହି ସମସ୍ତ ମାମଲାର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ହିତାଧିକାରୀଙ୍କୁ ଦେବାକୁ ପଡ଼ିବ ନାହିଁ। ଦୀର୍ଘଦିନ ଧରି ଚାଲିଥିବା ମୋକଦ୍ଦମାର ସହଜ ଓ ସରଳ

ସମାଧାନ ପାଇଁ ଭୁବନେଶ୍ୱର କିମ୍ୱା ନିକଟସ୍ଥ ଆଇନସେବା ଅଦାଲତଙ୍କ ସହ ଯୋଗାଯୋଗ କରିବାକୁ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି ।

Ganjam

# ବିଧାନସଭା ଗୃହ କମିଟି

ରାଜ୍ୟ ବିଧାନସଭାର ଗୃହ କମିଟିର ୧୦ ଜଣିଆ ଟିମ୍ ଆଜି ଗଞ୍ଜାମ ଜିଲ୍ଲା ଆସିକା ଗସ୍ତରେ ଆସିଛନ୍ତି। କମିଟିର ଅଧ୍ୟକ୍ଷ ତଥା ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କରିବା ସହିତ ଏଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ସଦସ୍ୟ ଦଳ ଟିପିସରା ନାଳର ଜବର ଦଖଲ ସ୍ଥିତି ଅନୁଧ୍ୟାନ, ଋଷିକୂଲ୍ୟା ନଦୀ ଉପରେ ନିର୍ମିତ ଚେକଡ୍ୟାମ, ଋଷିକୂଲ୍ୟ ଓ ବଡ଼ନଦୀ ଉପରେ ନିର୍ମାଣାଧୀନ ହାଇଲେବଲ ବ୍ରିଜ, ପାଟଲିଗୁଡ଼ା ଦେଇ ଆସ୍କା ବାଇପାସ ରାସ୍ତା ନିର୍ମାଣ, ମଣ୍ଡାପଡ଼ା–ବାଘୁଆନଦୀ ଚେକ୍ ଡ୍ୟାମ ଓ କଁଇଫୁଲିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରକଳ୍ପଗୁଡ଼ିକର ଅନୁଧ୍ୟାନ ପରେ ଆସ୍କା ପୌରପରିଷଦ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ବିଧାନସଭା କମିଟି ସଦସ୍ୟଙ୍କ ଆଲୋଚନା ହୋଇଛି। ଏ ସମ୍ପର୍କରେ କଣ୍ଟାବାଞ୍ଜି ବିଧାୟକ ତଥା ବିଧାନସଭା ଗୃହ କମିଟି ଅଧ୍ୟକ୍ଷ ଲକ୍ଷ୍ମଣ ବାଗ କହିଛନ୍ତି,

**- V/O –**

Puri

## କୋଣାର୍କ ସୂର୍ଯ୍ୟମନ୍ଦିର- ସମୀକ୍ଷା

ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଅତିରିକ୍ତ ମହାନିର୍ଦ୍ଦେଶକ ଜାହ୍ନବୀ ଶର୍ମା ଆଜି କୋଣାର୍କ ସୂର୍ଯ୍ୟ ମନ୍ଦିରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗର୍ଭଗୃହରୁ ବାଲିକଢ଼ା କାର୍ଯ୍ୟ ନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ବୈଷୟିକ ଟିମ୍, କୋର୍ କମିଟି ଏବଂ ବହୁ ଅଧିକାରୀ ମନ୍ଦିର ପରିସର ଯାଞ୍ଚ କରିଛନ୍ତି। ୨୦୨୨ ମସିହାରେ ଲିଫ୍ଟ ଟନେଲ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ଖୁବ୍‌ଶୀଘ୍ର ବାଲିକଢ଼ା ପ୍ରକ୍ରିୟା ଆରମ୍ଭ ହେବ ବୋଲି ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ   ସୂଚନା ଦେଇଛନ୍ତି।

Bhadrak

## ବନ୍ୟାଞ୍ଚଳ ପରିଦର୍ଶନ

ରାଜ୍ୟସଭା ସାଂସଦ ମନମୋହନ ସାମଲ ଆଜି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନ ଲୋକ ଏବଂ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। ଚାନ୍ଦବାଲି ବ୍ଲକର ଆରଡ଼ି, ସୁନ୍ଦରପୁର, ନାନ୍ଦପୁର, ଓଲୋଗୋ ଆଦି ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଉଥିବା ରନ୍ଧାଖାଦ୍ୟ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ସମ୍ପର୍କରେ ଶ୍ରୀ ସାମଲ ପଚାରି ବୁଝିଥିଲେ।

Kendrapada

## ସ୍ୱତନ୍ତ୍ର ରିଲିଫ କମିଶନର– ସମୀକ୍ଷା

ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ସୁବାସନାଥ ଶର୍ମା କେନ୍ଦ୍ରାପଡ଼ା ଜିଲ୍ଲା ମହାଦେଇ ପାଟଣା ଆଶ୍ରମ ବିଦ୍ୟାଳୟରେ ପହଁଞ୍ଚି ସ୍ଥାନାନ୍ତର ହୋଇଥିବା କୁଳସାହି ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପରିସ୍ଥିତି

ଅନୁଧ୍ୟାନ କରିଛନ୍ତି । ଛାତ୍ରଛାତ୍ରୀଙ୍କ ରହଣି, ଖାଦ୍ୟ, ପାନୀୟ ଏବଂ ଆବଶ୍ୟକୀୟ ସୁବିଧା ସମ୍ପର୍କରେ ସେ ଅଧିକାରୀ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ପଚାରି ବୁଝିଛନ୍ତି ।

Malkangiri

## ଜିଲ୍ଲାସ୍ତରୀୟ କର୍ମଶାଳା

ମାଲକାନଗିରି ପିଏମ୍‌ଶ୍ରୀ ନୋଡାଲ ଉଚ୍ଚବିଦ୍ୟାଳୟଠାରେ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ କର୍ମଶାଳାରେ ଯୋଗଦେଇ ଗୁଣାତ୍ମକ ଶିକ୍ଷାଦାନ ଏବଂ ସହପାଠ୍ୟକ୍ରମ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମ୍ପୃକ୍ତ ଶିକ୍ଷକମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ।

Desk

## ନିଶାମୁକ୍ତ ଭାରତ ଅଭିଯାନ

ବାଲେଶ୍ୱର ସଦର ବ୍ଲକ ରସାଲପୁରସ୍ଥିତ ଡାକ୍ତର ଯଦୁନାଥ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ କ୍ଷେତ୍ର କାର୍ଯ୍ୟାଳୟ ବାଲେଶ୍ୱର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବକାରୀ ବିଭାଗ ଉପଅଧୀକ୍ଷକ ସ୍ୱପ୍ନାରାଣୀ ସାହୁ ଯୋଗଦେଇ ସୁସ୍ଥ ବ୍ୟକ୍ତି, ପରିବାର, ସମାଜ ତଥା ଭବିଷ୍ୟତ ଗଠନ ପାଇଁ ନିଶାଠାରୁ ଦୂରେଇ ରହିବା ଅନିବାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଏକ ସଚେତନତା ପଦଯାତ୍ରା ସହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

Rayagada

## ଦିବ୍ୟାଙ୍ଗଙ୍କୁ ସହାୟତା

ରାୟଗଡ଼ା ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଗୁଣୁପୁର ପୌରପରିଷଦ ପକ୍ଷରୁ ଭୀମଭୋଇ ସାମର୍ଥ୍ୟ ଶିବିର ଗୁଣୁପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଯୋଗଦେଇ ଦିବ୍ୟାଙ୍ଗଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ । ଶିବିରରେ ସାମିଲ ହୋଇଥିବା ଦିବ୍ୟାଙ୍ଗମାନଙ୍କୁ ସହାୟତା ଉପକରଣ ପ୍ରଦାନ କରାଯାଇଥିଲା ।